# ଅଂଶୁଘାତ କକ୍ଷ, ଜଳଛତ୍ର ଖୋଲିବା ନିର୍ଦ୍ଦେଶ

ଛତ୍ରପୁର,୧୦।୩(ଡି.ଏନ.ଏ.)

ଗଞ୍ଜାମ ଜିଲା ସଦର ମହକୁମା ଛତ୍ରପୁରସ୍ଥିତ ଓସ୍ୱାନ୍ ଭିଡିଓ କନ୍‌ଫରେନ୍ସ ସଭାଗୃହଠାରେ ଆଗାମୀ ଗ୍ରୀଷ୍ମ ପ୍ରବାହ ମୁକାବିଲା ଲାଗି ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଅତିରିକ୍ତ ଜିଲାପାଳ ପ୍ରିୟରଞ୍ଜନ ପୃଷ୍ଟି ବୈଠକରେ ଅଧକ୍ଷତା କରି ଚଳିତ ମାର୍ଚ୍ଚ, ଏପ୍ରିଲ ଓ ମେ ମାସରେ ଗ୍ରୀଷ୍ମ ପ୍ରବାହ, ଅଂଶୁଘାତ ନିୟନ୍ତ୍ରଣ ପାଇଁ କିପରି ପ୍ରସ୍ତୁତ ରହିବା ସେ ବିଷୟରେ ଜିଲାର ବିଭିନ୍ନ ଅଧିକାରୀମାନଙ୍କ ସହ ଆଲୋଚନା କରିଥିଲେ। ଚଳିତବର୍ଷର ପ୍ରଥମାର୍ଦ୍ଧରୁ ପ୍ରବଳ ଗ୍ରୀଷ୍ମ ଅନୁଭୂତ ହେଉଛି। ଆଗକୁ ଏହା ଆହୁରି ପ୍ରଖର ହେବା ଆଶଙ୍କା ରହିଛି । ଅଂଶୁଘାତରେ ଜୀବନ ପ୍ରତି ବିପଦ ସୃଷ୍ଟି ହେବା ସମ୍ଭାବନା ରହିଛି। ତେଣୁ ସ୍ୱାସ୍ଥ୍ୟ ବିଭାଗକୁ ଉପଯୁକ୍ତ ପରିମାଣ ଓଆର୍‌ଏସ ପ୍ୟାକେଟ ଓ ଔଷଧ ମହଜୁଦ ରଖିବା ସହିତ ସଜାଗ ରହିବାକୁ କୁହାଯାଇଛି । ଜିଲା ମୁଖ୍ୟ ଚିକିତ୍ସାଳୟରେ ଏକ ସ୍ୱତନ୍ତ୍ର ଅଂଶୁଘାତ କକ୍ଷ ଖୋଲିବ। ଅଂଶୁଘାତ ରୋଗୀଙ୍କ ପାଇଁ ସମସ୍ତ ଆଶୁ ଚିକିତ୍ସା ବ୍ୟବସ୍ଥା ତ୍ୱରାନ୍ୱିତ କରିବା ପାଇଁ କୁହାଯାଇଛି। ଅଂଶୁଘାତରେ କାହାର ମୃତ୍ୟୁ ଘଟିଲେ ତୁରନ୍ତ ରିପୋର୍ଟ ପ୍ରଦାନ କରିବାକୁ ନିର୍ଦ୍ଦେଶ ଦିଆଯାଇଛି । ବିଭିନ୍ନ ଗ୍ରାମାଞ୍ଚଳ, ପୌରପରିଷଦ, ବ୍ଲକ, ଏନ୍‌ଏସି ପକ୍ଷରୁ ଜଳଛତ୍ର ଖୋଲାଯିବାକୁ ମଧ୍ୟ ଆଲୋଚନା ହୋଇଛି। ସମସ୍ତ ଦର୍ଶନୀୟ ସ୍ଥାନରେ ପାନୀୟ ଜଳ ବ୍ୟବସ୍ଥା କରାଯିବ । ଖରାପ ନଳକୂଅ ତୁରନ୍ତ ମରାମତି ହେବ। ମଧ୍ୟାହ୍ନ ସମୟରେ ବାହାରକୁ ଗଲେ ପାଣିବୋତଲ, ଛତା, ଟୋପି ତଥା ଓଦା କପଡା ଆଦି ମୁଣ୍ଡରେ ପକାଇ ଯାତାୟତ କରିବା ଏବଂ ଜନସାଧାରଣଙ୍କୁ ବ୍ୟାପକ ସଚେତନ କରିବାକୁ ଆଲୋଚନା ହୋଇଥିଲା । ମୁଖ୍ୟତଃ ପାନୀୟଜଳ ସମସ୍ୟା ଯେପରି ନ ଉପୁଜେ, ବିଦ୍ୟୁତ ବିଭ୍ରାଟ ନ ହେବ, ସ୍କୁଲ ଓ ଅଙ୍ଗନବାଡି କେନ୍ଦ୍ର ରାଜ୍ୟ ସରକାରଙ୍କ ଗାଇଡ୍ ଲାଇନ ଅନୁଯାୟୀ ସକାଳେ ଖୋଲିବା, ଜୀବନ ରକ୍ଷକ ଔଷଧ ମହଜୁଦ ରଖିବା, ଶ୍ରମିକମାନଙ୍କ କାର୍ଯ୍ୟ ସମ୍ପାଦନ ସମୟ ସାରଣୀ ପରିବର୍ତ୍ତନ କରିବା, ଜଙ୍ଗଲ ସୁରକ୍ଷା ପ୍ରତି ଦୃଷ୍ଟି ଦେବାକୁ ବିଭାଗୀୟ କର୍ତ୍ତୃପକ୍ଷଙ୍କୁ କୁହାଯାଇଛି। ବୈଠକରେ ବ୍ରହ୍ମପୁର ଉପଜିଲାପାଳ ଭି. କିର୍ତ୍ତୀ ଭାସନ, ଛତ୍ରପୁର ଉପଜିଲାପାଳ ନୀଳମାଧବ ଭୋଇ, ଭଞ୍ଜନଗର ଉପଜିଲାପାଳ ରାଜେନ୍ଦ୍ର ମିଞ୍ଜ, ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡ଼.ଉମାଶଙ୍କର ମିଶ୍ର, ଜିଲା ଜରୁରୀକାଳୀନ ଅଧିକାରୀଙ୍କ ସମେତ ସମସ୍ତ ତହସିଲଦାର, ଗୋଷ୍ଠୀ ଉନ୍ନୟନ ଅଧିକାରୀ ଓ ଲାଇନ ବିଭାଗର ସମସ୍ତ ଅଧିକାରୀ ଉପସ୍ଥିତ ଥିଲେ ।



ବୈଠକରେ ଉପସ୍ଥିତ ଏଡିଏମ ଓ ଅନ୍ୟମାନେ।

## ସଂକ୍ଷେପରେ

### ୪୧ ନିଶାସକ୍ତଙ୍କୁ ୨୯ ହଜାର ଜରିମାନା

ବ୍ରହ୍ମପୁର ଅଫିସ,୧୦।୩-ବ୍ରହ୍ମପୁର ଟାଉନ ଥାନା ପୋଲିସ ପକ୍ଷରୁ ରାସ୍ତାରେ ମଦ୍ୟପାନ କରୁଥିବା ଲୋକଙ୍କଠାରୁ ଜରିମାନା ଆଦାୟ କରାଯାଉଛି। ଏପରି କି ସେମାନଙ୍କୁ ରାସ୍ତା ଉପରେ ମଦ୍ୟପାନ ନ କରିବା ଓ ଆସର ନ ଜମାଇବା ପାଇଁ ତାଗିଦ କରାଯାଉଛି। ଗତ ୩ ଦିନ ମଧ୍ୟରେ ପୋଲିସ ବିଭିନ୍ନ ସ୍ଥାନରେ ଚଢ଼ାଉ କରିଛି। ରାସ୍ତା ଉପରେ ନିଶାସକ୍ତ ହୋଇ ଖଟି କରୁଥିବା ୪୧ ଜଣଙ୍କଠାରୁ ୨୯ହଜାର ୩ଶହ ଟଙ୍କା ଜରିମାନା ଆଦାୟ କରିଥିବା କହିଛି। ଆସନ୍ତା ୨୪ ତାରିଖରେ ହେବାକୁ ଥିବା ପୌର ନିର୍ବାଚନ ଭୟ ଓ ହିଂସାମୁକ୍ତ କରିବା ପାଇଁ ପୋଲିସ ଏବେଠୁ ପ୍ରୟାସ ଆରମ୍ଭ କରିଛି। ସେହିପରି ବେଆଇନ ଭାବେ ମଦ କାରବାର କରୁଥିବା ୮ଜଣଙ୍କୁ ୮ମାମଲାରେ ଗିରଫ କରାଯାଇଛି। ସେମାନଙ୍କ ନିକଟରୁ ୧୮୫ଲିଟର ଦେଶୀ ମଦ ଜବତ ହୋଇଛି। ସେହିପରି ୧୭ ଜଣଙ୍କୁ ଧାରା ୧୧୦ ଅନୁସାରେ ନୋଟିସ କରାଯାଇଛି ବୋଲି ଥାନା ଏସ୍‌ଆଇ ସୂର୍ଯ୍ୟଚନ୍ଦ୍ର ପାଢ଼ୀ ସୂଚନା ଦେଇଛନ୍ତି। ବିଶେଷକରି ରାସ୍ତା ଉପରେ ମଦ୍ୟପାନ କରି ଖଟି ଜମାଉଥିବା ଲୋକମାନଙ୍କୁ ଧରି ସେମାନଙ୍କଠାରୁ ଜରିମାନା ଆଦାୟ କରିବାକୁ ସେ ନିର୍ଦ୍ଦେଶ ଦେଇଥିଲେ। ହେଲେ ଏଯାବତ କେବଳ ଟାଉନ ଥାନା ପକ୍ଷରୁ ହିଁ ଏଭଳି ପଦକ୍ଷେପ ନିଆଯାଇଥିବା ଦେଖିବାକୁ ମିଳିଛି।

### ଉତ୍କଳ ସମ୍ମିଳନୀ ଗଜପତି ଶାଖା କର୍ମକର୍ତ୍ତା ଚୟନ

ପାରଳାଖେମୁଣ୍ଡି,୧୦।୩(ଡି.ଏନ.ଏ.)- ପାରଳାଖେମୁଣ୍ଡି ଠାରେ ଥିବା ଉତ୍କଳ ହିତୈଷିଣୀ ସମାଜ ସଭାଗୃହରେ ଉତ୍କଳ ସମ୍ମିଳନୀ ଗଜପତି ଜିଲା ଶାଖାର ସ୍ୱତନ୍ତ୍ର ବୈଠକ ଏବଂ କର୍ମକର୍ତ୍ତା ଚୟନ ଅନୁଷ୍ଠିତ ହୋଇଯାଇଛି। ସଂଘର କାର୍ଯ୍ୟକାରୀ ସଭାପତି ଭାରତ ଭୂଷଣ ମହାନ୍ତି ଏଥିରେ ଅଧକ୍ଷତା କରିଥିବା ବେଳେ ସାଧାରଣ ସମ୍ପାଦକ ଆଚାର୍ଯ୍ୟ ବିନୋଦ ଚନ୍ଦ୍ର ଜେନା ବୈଠକର ମୁଖ୍ୟ ଉଦ୍ଦେଶ୍ୟ ସମ୍ପର୍କରେ ଅବଗତ କରାଇଥିଲେ। ରାଜ୍ୟ ସଂଘର ଉପସଭାପତି ପୂର୍ଣ୍ଣଚନ୍ଦ୍ର ମହାପାତ୍ର ସୀମା ସମସ୍ୟା ଉପରେ ସମସ୍ତେ ଗୁରୁତ୍ୱ ଦେବା ଆବଶ୍ୟକ ବୋଲି ସୂଚାଇଥିଲେ ।ଏହି ଅବସରରେ ସର୍ବସମ୍ମତିକ୍ରମେ ଆଗାମୀ ୩ ବର୍ଷ ପାଇଁ ଗଜପତି ଶାଖାର ନୂତନ କର୍ମକର୍ତ୍ତା ଚୟନ କରାଯାଇଥିଲା । ଭାରତଭୂଷଣ ମହାନ୍ତି କାର୍ଯ୍ୟକାରୀ ସଭାପତି, ଆଶାଲତା ପାଣିଗ୍ରାହୀ ଉପସଭାପତି, ଆଚାର୍ଯ୍ୟ ବିନୋଦ ଚନ୍ଦ୍ର ଜେନା ସାଧାରଣ ସମ୍ପାଦକ, ବିଚିତ୍ରାନନ୍ଦ ବେବର୍ତ୍ତା ସହସମ୍ପାଦକ, ଲିଙ୍ଗରାଜ ପ୍ରସାଦ ଦାଶ କୋଷାଧ୍ୟକ୍ଷ ଓ କାର୍ଯ୍ୟକାରୀ ସଦସ୍ୟ ଭାବେ ମୀନା କୁମାରୀ ଟହଲ, ସ୍ୱର୍ଣ୍ଣପ୍ରଭା ପାଠୀ, ଜଗଦୀଶ ଚନ୍ଦ୍ର ମହାପାତ୍ର, ତ୍ରିପତି ପ୍ରସାଦ ପଣ୍ଡା, ଗଣେଶ କୁମାର ରାଜୁ, ନିତ୍ୟାନନ୍ଦ ଚୌଧୁରୀ, ହରିମୋହନ ପଟ୍ଟନାୟକ, ଉପଦେଷ୍ଟା ମଣ୍ଡଳୀ ଭାବେ, ଅନାଦି ପାଣିଗ୍ରାହୀ, ଦୁର୍ଗାମାଧବ ପଣ୍ଡା, ସତ୍ୟନାରାୟଣ ମହାରଣା, ସଚ୍ଚିଦାନନ୍ଦ ସାମଲ, ରମେଶ ଚନ୍ଦ୍ର ହୋତା ଚୟନ ହୋଇଛନ୍ତି। ଶେଷରେ ତ୍ରିପତି ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ ।

### ଘର ଜଳିଗଲା

ଧରାକୋଟ,୧୦।୩(ଡି.ଏନ.ଏ.)- ଧରାକୋଟ ବ୍ଲକ ଅନ୍ତର୍ଗତ ଜଗମୋହନ ଗ୍ରାମରେ ଗୁରୁବାର ଅପରାହ୍ନରେ ନିଆଁ ଲାଗି ଡେରାସାହିର ବିଶ୍ୱନାଥ ସେଠୀଙ୍କ ଘର ଜଳିଯାଇଛି। ଏଥିସହ ଘରର ସମସ୍ତ ଆସବାବପତ୍ର, ୩୦ବସ୍ତା ଧାନ, ୨ବସ୍ତା ଚାଉଳ ଓ ଅନ୍ୟାନ୍ୟ ସାମଗ୍ରୀ ପୋଡି ପାଉଁଶ ହୋଇଯାଇଛି। ଧରାକୋଟ ଦମକଳ ବାହିନୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ବିଶ୍ୱନାଥ ଗରିବ ଶ୍ରେଣୀର ହୋଇଥିବାରୁ ତୁରନ୍ତ ତାଙ୍କୁ ସହାୟତା ପ୍ରଦାନ ସହିତ ଘର ଯୋଗାଇ ଦେବାକୁ ଦାବି ହେଉଛି।

## ୫ ଆଶାୟୀଙ୍କ ମଧ୍ୟରେ ଉତ୍କଣ୍ଠା

### ହିଞ୍ଜିଳିକାଟୁ ବ୍ଲକ ଅଧକ୍ଷା ନିର୍ବାଚନ

ହିଞ୍ଜିଳିକାଟୁ, ୧୦।୩(ଡ଼ି.ଏନ୍.ଏ)

ଆସନ୍ତା ଶନିବାର ବ୍ଲକ ଅଧକ୍ଷା ନିର୍ବାଚନ ହେବ। ଚଳିତଥର ହିଞ୍ଜିଳିକାଟୁ ବ୍ଲକ ଅଧକ୍ଷା ପଦବୀ ଅନୁସୂଚିତ ଜାତି (ମହିଳା)ଙ୍କ ନିମନ୍ତେ ସଂରକ୍ଷିତ ରହିଛି। ନିର୍ବାଚନରେ ୫ଜଣ ଅନୁସୂଚିତ ଜାତି ମହିଳା ବିଭିନ୍ନ ପଞ୍ଚାୟତରୁ ସମିତିସଭ୍ୟା ନିର୍ବାଚିତ ହୋଇଛନ୍ତି। ସାରୁ ପଞ୍ଚାୟତରୁ ଶକୁନ୍ତଳା ଦାସ, ଦାରୁଭଦ୍ରା ରୁ ପିଙ୍କି ବେହେରା, କଞ୍ଚୁରୁ ପଞ୍ଚାୟତରୁ ସରସ୍ୱତୀ ସେଠୀ, ପୋଚିଲିମାରୁ ଆରତି ନାଇକ ଓ ଭାବନ୍ଧ ପଞ୍ଚାୟତରୁ ରିଙ୍କି ନାହାକ ବିଜୟୀ ହୋଇଛନ୍ତି। ସମସ୍ତ ନିର୍ବାଚିତ ସଦସ୍ୟା ବିଜେଡ଼ି ସମର୍ଥିତ । ୫ ଜଣ ନିର୍ବାଚିତ ସଦସ୍ୟାଙ୍କ ମଧ୍ୟରୁ ଶକୁନ୍ତଳା ଦାସ, ପିଙ୍କି ବେହେରା ଓ ସରସ୍ୱତୀ ସେଠୀଙ୍କ ନାମକୁ ନେଇ ଗତ କିଛିଦିନ ଧରି ଅଧକ୍ଷା ପଦବୀ ନିମନ୍ତେ ଚର୍ଚ୍ଚା ଜୋର ଧରିଛି। ବ୍ଲକର ୩ ବରିଷ୍ଠ ନେତା ବ୍ଲକ ସଭାପତି ସୁରେନ୍ଦ୍ର ପଧାନ, ଗତଥରର ବ୍ଲକ ଅଧକ୍ଷ ଏନ. ରଘୁନାଥ ଓ ବରିଷ୍ଠ ନେତା ଡ଼ି ବିଶ୍ୱନାଥ ସେମାନଙ୍କ ପସନ୍ଦ ଯୋଗ୍ୟ ପ୍ରାର୍ଥୀଙ୍କୁ ଅଧକ୍ଷା କରିବା ପାଇଁ ବିଜେଡ଼ିର ବିଭିନ୍ନ ମହଲରେ ଲବି କରଛନ୍ତି। ଅନ୍ୟପକ୍ଷରେ କିଛି ଯୁବ ଗୋଷ୍ଠୀ ମଧ୍ୟ ଚଳିତ ପଞ୍ଚାୟତ ନିର୍ବାଚନ ଫଳାଫଳ ପରେ ସେମାନଙ୍କ ପସନ୍ଦର ସଦସ୍ୟାଙ୍କୁ ଅଧକ୍ଷା ପଦବୀ ଦେବାକୁ ଦାବି କରିଛନ୍ତି। ତେଣୁ ରୋଚକ ପରିସ୍ଥିତିରେ ଅଧକ୍ଷା ପଦବୀ ରହିଛି। ନିର୍ବାଚିତ ସଦସ୍ୟାସଦସ୍ୟଙ୍କୁ ନେଇ କୌଣସି ମତେ କେହି ଅଜ୍ଞାତବାସରେ ନ ଯିବା ପାଇଁ ମୁଖ୍ୟମନ୍ତ୍ରୀଙ୍କ ଅଫିସରୁ କଡ଼ା ତାଗିଦ ରହିଛି। ସମସ୍ତ ନିର୍ବାଚିତ ପ୍ରତିନିଧି ମୁଖ୍ୟମନ୍ତ୍ରୀ ଯାହାକୁ ପସନ୍ଦ କରିବେ ସେହି ପ୍ରାର୍ଥୀଙ୍କୁ ଅଧକ୍ଷା ଭାବେ ମାନିବେ ବୋଲି ସମ୍ମତି ପ୍ରକାଶ କରିଛନ୍ତି। ଏହି ପରିସ୍ଥିତିରେ ମୁଖ୍ୟମନ୍ତ୍ରୀଙ୍କ ନିଷ୍ପତ୍ତି କ'ଣ ହେବ ତାହାକୁ ନେଇ ଉତ୍କଣ୍ଠା ଲାଗିରହିଛି। ଏଥିରେ ମୁଖ୍ୟମନ୍ତ୍ରୀଙ୍କ ଡ଼ିଆରଡ଼ିଏ ପ୍ରତିନିଧି ଶରତ ଚନ୍ଦ୍ର ମହାପାତ୍ରଙ୍କ ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବିବେଚନା କରାଯାଉଛି। ହିଞ୍ଜିଳି ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ହିଞ୍ଜିଳିକାଟୁ ଓ ଶେରଗଡ଼ ବ୍ଲକ ନିମନ୍ତେ ମୁଖ୍ୟମନ୍ତ୍ରୀଙ୍କ ପସନ୍ଦଯୋଗ୍ୟ ଅଧକ୍ଷା ଅଧକ୍ଷ ପ୍ରାର୍ଥୀଙ୍କ ତାଲିକା ବନ୍ଦ ଲଫାପା ଦ୍ୱାରା ଆସିବ। ପୂର୍ବଥର ପରି ଏହି ବନ୍ଦ ଲଫାଫାକୁ ନିର୍ବାଚିତ ସଦସ୍ୟ ଓ ବିଜେଡ଼ିର ଆଗଧାଡ଼ିର ନେତାଙ୍କ ଉପସ୍ଥିତରେ ଖୋଲାଯିବ ବୋଲି ସୂଚନା ମିଳିଛି।

## ଅଖିଳ ଭାରତୀୟ ବିଜ୍ଞାନ କୁଇଜ ପ୍ରତିଯୋଗିତାରେ ନୀଳକଣ୍ଠନଗର ସରସ୍ୱତୀ ବିଦ୍ୟାମନ୍ଦିରର ସଫଳତା



ସଫଳତା ହାସଲ କରିଥିବା ଶିକ୍ଷାନୁଷ୍ଠାନର ଛାତ୍ର ଓ ଶିକ୍ଷକ ବୃନ୍ଦ।

ବ୍ରହ୍ମପୁର ଅଫିସ,୧୦।୩

ସର୍ବଭାରତୀୟସ୍ତରରେ ୯ ରାଜ୍ୟ ଦିଲୀ, ରାଜସ୍ଥାନ,ଆସାମ, ଉତ୍ତରପ୍ରଦେଶ, ବିହାର ଓ ଓଡିଶାର ଶତାଧିକ ଛାତ୍ରୀଛାତ୍ରଙ୍କୁ ନେଇ ଅନୁଷ୍ଠିତ ହୋଇଥିବା ଅନ୍‌ଲାଇନ ଅଖିଳ ଭାରତ ବିଜ୍ଞାନ କୁଇଜ୍ ପ୍ରତିଯୋଗିତାରେ ନୀଳକଣ୍ଠନଗର ସରସ୍ୱତୀ ବିଦ୍ୟାମନ୍ଦିରର ଛାତ୍ରମାନେ ସଫଳତା ହାସଲ କରିଛନ୍ତି। ଶିକ୍ଷାନୁଷ୍ଠାନର ଯୁକ୍ତ ୨ର ତୁଷାର ରଞ୍ଜନ ପଣ୍ଡା, ଆଶୁତୋଷ ପାଢ଼ୀ ଓ ରୁଦ୍ର ପସାଦ ରଥ ସର୍ବଭାରତୀୟସ୍ତରରେ ତୃତୀୟ ସ୍ଥାନ ଅଧିକାର କରିଛନ୍ତି। ଏଥିସହ ଯୁକ୍ତ ୨ ଉଦ୍ଭିଦ ବିଜ୍ଞାନ ବିଭାଗର ଅଧାପିକା ସୁନୀତା ପଟ୍ଟନାୟକ ଓ ବିଦ୍ୟା ମନ୍ଦିରର ବିଜ୍ଞାନ ଆଚାର୍ଯ୍ୟ ବାହାନ କୁମାର ମହାରଣାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନ ଓ ମାର୍ଗଦର୍ଶନରେ ଏହି ସଫଳତା ପାଇଁ ବିଦ୍ୟାଳୟର ଅଧକ୍ଷ ଏସ୍.ମୋହନ ରାଓ, ପ୍ରଧାନାଚାର୍ଯ୍ୟ ଉମାଧବ ମହାନ୍ତି ଓ ବିଦ୍ୟାଳୟର ପରିଚାଳନା ସମିତି ସଭାପତି ଓ ସଦସ୍ୟ ଶ୍ରୀକାନ୍ତ ମହାପାତ୍ର, ଉପ ସଭାପତି ହରିକୃଷ୍ଣ ନାୟକ, ସମ୍ପାଦକ ନାରାୟଣ ପଣ୍ଡା, ଯୁଗ୍ମ ସମ୍ପାଦିକା ମମତା ପାଣିଗ୍ରାହୀ, କୋଷାଧକ୍ଷ ରବୀନ୍ଦ୍ରନାଥ ଜେନା, ସଦସ୍ୟ ନୀଳକଣ୍ଠ ସାହୁ, ସଦସ୍ୟା ବାସନ୍ତୀ ବେହେରା, ଉପଦେଷ୍ଟା ଧର୍ମରାଜ ସାହୁ, ନରସିଂହ ଚୌଧୁରୀ, ସୁଦର୍ଶନ ପାଢୀ, ହରିକୃଷ୍ଣ ପାଢୀ, ପୂର୍ଣ୍ଣଚନ୍ଦ୍ର ପଣ୍ଡା, ବି.ଗଜପତି ରାଓ ଶୁଭେଚ୍ଛା ଜ୍ଞାପନ କରିଛନ୍ତି।

## ସେଞ୍ଚୁରିଆନ ବିଶ୍ୱବିଦ୍ୟାଳୟରେ ଉତ୍କଳ କୃଷି ମେଳା

ପାରଳାଖେମୁଣ୍ଡି,୧୦।୩(ଡି.ଏନ.ଏ.)

ପାରଳାଖେମୁଣ୍ଡି ସହର ଉପକଣ୍ଠସ୍ଥ ସେଞ୍ଚୁରିଆନ ବିଶ୍ୱ ବିଦ୍ୟାଳୟରେ ଦୁଇ ଦିନିଆ ଉତ୍କଳ କୃଷି ମେଳା ଅନୁଷ୍ଠିତ ହୋଇଯାଇଛି। ଏଥିରେ ଡ. ଏମ ଦେବେନ୍ଦ୍ର ରେଡ୍ଡୀ(ଏମ.ଏସ. ସ୍ୱାମୀନାଥନ କୃଷି ବିଦ୍ୟାଳୟ ଡିନ) ଯୋଗ ଦେଇ ସ୍ୱାଗତ ଅଭିଭାଷଣ ଏବଂ ଅତିଥି ପରିଚୟ ପ୍ରଦାନ କରିଥିଲେ। ସଭାରେ ମୁଖ୍ୟ ଅତିଥି ଭାବେ ବ୍ରହ୍ମପୁର ଏମ୍‌ପି ଚନ୍ଦ୍ରଶେଖର ସାହୁ, ସମ୍ମାନିତ ଅତିଥି ଭାବେ ଏମସି ଡୋମିନିକ କୃଷି ଜାଗରଣ ପ୍ରତିଷ୍ଠାତା ଏବଂ ମୁଖ୍ୟ ସମ୍ପାଦକ, ଉପକୁଳପତି ପ୍ରଫେସର ଡ଼ ସୁପ୍ରିୟା ପଟ୍ଟନାୟକ ଏବଂ କୁଳସଚିବ ଡ଼. ଅନିତା ପାତ୍ର ଉପସ୍ଥିତ ଥିଲେ। ସ୍ଥାନୀୟ ଅଞ୍ଚଳର ୫୦୦ରୁ ଅଧିକ କୃଷକ ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ। ମୁଖ୍ୟ ଅତିଥି , ସମ୍ମାନୀତ ଅତିଥି କୃଷକମାନଙ୍କୁ ଉଦ୍ୟୋଗୀ କରାଇବା ମୁଳଲକ୍ଷ୍ୟ ବୋଲି ସୂଚନା ଦେଇଥିଲେ। କାର୍ଯ୍ୟକ୍ରମରେ ଗଞ୍ଜାମ ଓ ଗଜପତି ଜିଲାର ୨ ପ୍ରଗତିଶୀଳ ଚାଷୀଙ୍କୁ ଇଫକୋ ମ୍ୟାନେଜେର ଏସ କେ ଚଟାର୍ଜୀଙ୍କ ଦ୍ୱାରା ସମ୍ମାନିତ କରାଯାଇଛି। ବିଶ୍ୱ ବିଦ୍ୟାଳୟ ତରଫରୁ କୃଷି ଉତ୍କର୍ଷ ପୁସ୍ତିକା ଉନ୍ମୋଚନ କରାଯାଇଥିଲା। ସମସ୍ତ ଅତିଥି ଆୟୋଜିତ ହୋଇଥିବା ୬୦ଟି ଷ୍ଟଲ ପରିଦର୍ଶନ କରିଥିଲେ। କାର୍ଯ୍ୟକ୍ରମରେ ଡ଼ ଚିତ୍ରସେନ ପାଢ଼ୀ,ଡ଼ ସିଦ୍ଧାର୍ଥ ଶର୍ମା ଏବଂ ସମସ୍ତ ପ୍ରଫେସର, କୃଷକ ଏବଂ ଛାତ୍ରୀ ଛାତ୍ର ମାନେ ଉପସ୍ଥିତ ଥିଲେ।


ବ୍ରହ୍ମପୁର ଏମ୍‌ପି ଚନ୍ଦ୍ରଶେଖର ସାହୁ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରୁଛନ୍ତି ।

## ପୋଷ୍ଟ ଅଫିସରୁ ଲକ୍ଷାଧିକ ଟଙ୍କା ଚୋରି ଅଭିଯୋଗ

ପୁରୁଷୋତ୍ତମପୁର,୧୦।୩(ଡି.ଏନ.ଏ.)

ଗଞ୍ଜାମ ଜିଲା ପୁରୁଷୋତ୍ତମପୁର ସବ୍ ପୋଷ୍ଟ ଅଫିସରେ ଦୁର୍ବୃତ୍ତମାନେ ବୁଧବାର ରାତିରେ ଗେଟ୍ ଭାଙ୍ଗି ପଶି ଲକର ଚାବି ଖୋଲି ୧ଲକ୍ଷ ୧୨ ହଜାର ଟଙ୍କା ଚୋରି କରି ନେଇଥିବା ବେଳେ ଅଫିସ୍‌ର ରେକର୍ଡପତ୍ର ଫିଙ୍ଗା ଫୋପଡା କରିଛନ୍ତି। ସକାଳୁ କର୍ମଚାରୀମାନେ ଆସି ଏହା ଦେଖିବାକୁ ପାଇଥିଲେ। ଏହାକୁ ନେଇ ପୋଷ୍ଟମାଷ୍ଟର ଅଚ୍ୟୁତ ପାଣିଗ୍ରାହୀ ପୋଷ୍ଟାଲ ସୁପରିଣ୍ଟେଣ୍ଡେଣ୍ଟ ଓ ବିଭାଗୀୟ ବରିଷ୍ଠ ଅଧିକାରୀମାନଙ୍କୁ ଜଣାଇ ପୋଲିସରେ ଅଭିଯୋଗ କରିଛନ୍ତି। ଏ ନେଇ ପୋଲିସ ନଂ ୧୩୬/୨୨ରେ ମାମଲା ରୁଜୁ ସହ ସନ୍ଧାନୀ କୁକୁର ଓ ସାଇଣ୍ଟିଫିକ ଟିମ୍ ଆଣି ତଦନ୍ତ ଚଳାଇଛି। ସେହିପରି ଏନ୍‌ଏସିର ବର୍ଜ୍ୟବସ୍ତୁ ପରିଚାଳନା ସେଣ୍ଟରରେ ପଶି ଏଲ୍‌ଇଡିକୁ ଚୋରି କରି ନେଇଛନ୍ତି।

## ଅଙ୍ଗନୱାଡି ସହାୟିକାଙ୍କୁ ଅବସର ପାଇଁ ପତ୍ର ଦେଇଥିବା ପ୍ରତିବାଦ କଲା ସଂଘ

ବୁଗୁଡା,୧୦।୩(ଡି.ଏନ.ଏ.)

ବୁଗୁଡ଼ା ବ୍ଲକ କରଚୁଲି ଅଙ୍ଗନୱାଡି କେନ୍ଦ୍ର–୨ର ସହାୟିକାଙ୍କୁ କାର୍ଯ୍ୟରୁ ଅବସର ନେବା ପାଇଁ ପତ୍ର ଦିଆଯାଇଥିବାରୁ ଏହାର ଦୃଢ ପ୍ରତିବାଦ କରି ସୋମବାର ଅଲ୍ ଓଡ଼ିଶା ଅଙ୍ଗନୱାଡି ଲେଡିଜ୍ ୱାର୍କସ ଆସୋସିଏଶନ ପକ୍ଷରୁ ସିଡିପିଓଙ୍କ ନିକଟରେ ଲିଖିତ ଆକାରରେ ଦିଆଯାଇଛି। ତାଙ୍କୁ ନିୟମିତ କାର୍ଯ୍ୟ କରିବା ପାଇଁ ଆଦେଶ ଦେବାକୁ ଏଥିରେ ଦାବି କରାଯାଇଛି। ପ୍ରକାଶ ଯେ, କରଚୁଲି ଅଙ୍ଗନୱାଡି କେନ୍ଦ୍ର–୨ର ସହାୟିକା ଲକ୍ଷ୍ମୀ ବେହେରାଙ୍କ ବିଦ୍ୟାଳୟ ପ୍ରମାଣପତ୍ର ଅନୁସାରେ ୬୨ ବର୍ଷ ପୂରଣ ହୋଇନାହିଁ। ହେଲେ ତାଙ୍କୁ ସିଡିପିଓଙ୍କ କାର୍ଯ୍ୟାଳୟ ପକ୍ଷରୁ ଅବସର ନେବା ପାଇଁ ପତ୍ର ପ୍ରଦାନ କରାଯାଇଛି। ତେଣୁ କେଉଁ ଆଧାରରେ ତାଙ୍କୁ ଅବସର ପାଇଁ ପତ୍ର ପ୍ରେରଣ କଲେ ତା'ର ପ୍ରମାଣ ସଂଘକୁ ଦେବାକୁ ସିଡିପିଓଙ୍କଠାରେ ସଂଘର ସଭାନେତ୍ରୀ ବାସନ୍ତୀ କୁମାରୀ ପ୍ରଧାନ ଓ ସମ୍ପାଦିକା ଅନିତା କୁମାରୀ ମିଶ୍ର ଦାବି କରିଛନ୍ତି। ଦାବି ବିଚାରକୁ ନିଆ ନ ଗଲେ ସଂଘ ତରଫରୁ ଜିଲାପାଳ ଏବଂ ଉପଜିଲାପାଳଙ୍କୁ ଜଣାଇବେ ବୋଲି କହିଛନ୍ତି। ଦାବିପତ୍ରର ନକଲ ବୁଗୁଡ଼ା ବିଡିଓଙ୍କୁ ମଧ୍ୟ ପ୍ରଦାନ କରିଛନ୍ତି। ଏ ସମ୍ପର୍କରେ ସିଡିପିଓ ରଞ୍ଜିତା ତ୍ରିପାଠୀଙ୍କୁ ପଚାରିବାରେ ସେ ସଂଘର ଦାବି ବିଷୟରେ ପ୍ରଶାସନିକ ଉଚ୍ଚ କର୍ତ୍ତୃପକ୍ଷଙ୍କୁ ଅବଗତ କରାଇବେ ବୋଲି ପ୍ରକାଶ କରିଥିଲେ।

## ବୈଜ୍ଞାନିକ ଉପଦେଷ୍ଟା ମଣ୍ଡଳୀ ବୈଠକ

ଭଞ୍ଜନଗର,୧୦।୩(ଡି.ଏନ୍.ଏ.)

ଭଞ୍ଜନଗର କୃଷି ବିଜ୍ଞାନ କେନ୍ଦ୍ରର ୩୦ତମ ବୈଜ୍ଞାନିକ ଉପଦେଷ୍ଟାମଣ୍ଡଳୀ ବୈଠକ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଓୟୁଏଟି ସଂପ୍ରସାରଣ ଶିକ୍ଷା ନିର୍ଦ୍ଦେଶାଳୟର ପ୍ରଫେସର ପ୍ରସନ୍ନଜିତ୍ ମିଶ୍ର ଅଧକ୍ଷତା କରିଥିଲେ। ଆଇସିଏଆର କୋଲକାତାର ପ୍ରମୁଖ ବୈଜ୍ଞାନିକ ଡ. ଏସ୍.କେ. ମଣ୍ଡଳ ମୁଖ୍ୟ ଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। କୃଷି ବିଜ୍ଞାନ କେନ୍ଦ୍ରର ମୁଖ୍ୟ ବୈଜ୍ଞାନିକ ଡ. ସୁତନୁ କୁମାର ଶତପଥୀ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଏଥିସହ ଗତବର୍ଷ ବିଭାଗ ପକ୍ଷରୁ ହୋଇଥିବା କାର୍ଯ୍ୟକ୍ରମ ଏବଂ ଆଗାମୀ ବର୍ଷର କାର୍ଯ୍ୟକ୍ରମ ସମ୍ପର୍କରେ କହିଥିଲେ। ସଂପ୍ରସାରଣ ଶିକ୍ଷା ନିର୍ଦ୍ଦେଶାଳୟର ଯୁଗ୍ମ ନିର୍ଦ୍ଦେଶକ ଡ. ଶିବ ପ୍ରସାଦ ସଂଗ୍ରାମ ସିଂଙ୍କ ସମେତ ଗଞ୍ଜାମ ଜିଲାର ବିଭିନ୍ନ ବିଭାଗର ଜିଲାସ୍ତରୀୟ ଅଧିକାରୀମାନେ ବୈଠକରେ ଯୋଗଦେଇ କୃଷି କ୍ଷେତ୍ରରେ ବିକାଶ ପାଇଁ ସରକାରଙ୍କ ପକ୍ଷରୁ କୃଷକମାନଙ୍କୁ ଦିଆଯାଉଥିବା ବିଭିନ୍ନ ସୁବିଧା ସୁଯୋଗ ସମ୍ପର୍କରେ କହିଥିଲେ। ଉନ୍ନତ କୃଷି ଯନ୍ତ୍ରପାତିର ବ୍ୟବହାର, ଉନ୍ନତ ପ୍ରଜାତିର କୁକୁଡ଼ା ପାଳନ, ଘାସଚାଷ ଆଦି ଉପରେ ଦୃଷ୍ଟି ଦେବାକୁ କୁହାଯାଇଥିଲା। କୃଷକ ଏବଂ ବୈଜ୍ଞାନିକଙ୍କ ମଧ୍ୟରେ ସମନ୍ୱୟ ରହିଲେ ଓ ଚାଷୀମାନେ ଉନ୍ନତ ଜ୍ଞାନକୌଶଳ ପ୍ରୟୋଗ କରି ଚାଷ କଲେ ଉତ୍ପାଦନ ବୃଦ୍ଧି ପାଇବ। ଯଦ୍ୱାରା ଚାଷୀମାନେ ଲାଭବାନ୍ ହେବେ । ଏଥିପ୍ରତି ଦୃଷ୍ଟି ଦେବାକୁ ଅତିଥିମାନେ କହିଥିଲେ ।

## ଖେଲୋ ଇଣ୍ଡିଆକୁ ଚୟନ ହେଲେ ଜଗଦୀଶ

ବ୍ରହ୍ମପୁର ଅଫିସ,୧୦।୩

ମାର୍ଚ୍ଚ ୮ରୁ ଚଣ୍ଡିଗଡ଼ ମୋହାଲି ବିଶ୍ୱବିଦ୍ୟାଳୟଠାରେ ଚାଲିଥିବା ଜାତୀୟସ୍ତରୀୟ ଆନ୍ତଃ ବିଶ୍ୱବିଦ୍ୟାଳୟ ଭାରୋତ୍ତୋଳନ ଓ ବେଷ୍ଟ ଫିଜିକ ପ୍ରତିଯାଗିତାରେ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ପ୍ରତିଯୋଗୀ ଜଗଦୀଶ ନାହାକ ରୌପ୍ୟ ପଦକ ଅର୍ଜନ କରିଛନ୍ତି। ଜଗଦୀଶ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ଅଧୀନ ପିପୁଲ୍ସ କଲେଜ ବୁଗୁଡ଼ାର ଯୁକ୍ତ ୩ ପାଠ୍ୟକ୍ରମର ଦ୍ୱିତୀୟ ବର୍ଷ ଛାତ୍ର। ଏହି ଜାତୀୟସ୍ତରୀୟ ପ୍ରତିଯୋଗିତାରେ ଦେଶର ପ୍ରାୟ ୩୦ରୁ ଊର୍ଦ୍ଧ୍ୱ ବିଶ୍ୱବିଦ୍ୟାଳୟର ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ଏଥିରେ ଜଗଦୀଶ ୬୭ କେଜି ବର୍ଗରେ ପ୍ରତିଯୋଗିତା କରି ଦ୍ୱିତୀୟ ସ୍ଥାନ ଅଧିକାର କରିଥିଲେ। ଜଗଦୀଶ ପ୍ରତିଯୋଗିତାରେ ୧୨୯ କେଜି ସ୍ନାଚ ଓ ୧୪୪ କେଜି ଜାର୍କରେ ଭାରୋତ୍ତୋଳନ କରିଥିଲେ। ଏହି ଜାତୀୟସ୍ତରୀୟ ପ୍ରତିଯୋଗିତାରେ ଶ୍ରେଷ୍ଠ ୫ ଜଣ ପ୍ରତିଯୋଗୀଙ୍କ ମଧ୍ୟରେ ଦ୍ୱିତୀୟ ସ୍ଥାନ ଅଧିକାର କରି ଜଗଦୀଶ ଏପ୍ରିଲ ୨୦୨୨ରେ ମାଙ୍ଗାଲୋରଠାରେ ଅନୁଷ୍ଠିତ ହେବାକୁ ଥିବା ବିଶ୍ୱବିଦ୍ୟାଳୟସ୍ତରୀୟ ଖେଲୋ ଇଣ୍ଡିଆ ପ୍ରତିଯୋଗିତା ନିମନ୍ତେ ମନୋନୀତ ହୋଇଛନ୍ତି। ସେହିପରି ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର ଜଗଦୀଶଙ୍କ ବ୍ୟତୀତ ପଣ୍ଡିତ ରବିଶଙ୍କର ବିଶ୍ୱବିଦ୍ୟାଳୟ ରାୟପୁର, କବୟିତ୍ରୀ ବାହିନବାଇ ବିଶ୍ୱବିଦ୍ୟାଳୟ ଉତ୍ତର ମହାରାଷ୍ଟ୍ର, କିଟ୍ ବିଶ୍ୱବିଦ୍ୟାଳୟ, କୁରୁକ୍ଷେତ୍ର ବିଶ୍ୱବିଦ୍ୟାଳୟର ଶ୍ରେଷ୍ଠ ୫ ସ୍ଥାନ ଅଧିକାର କରିଥିବା ପ୍ରତିଯୋଗୀମାନେ ଖେଲୋ ଇଣ୍ଡିଆ ନିମନ୍ତେ ମନୋନୀତ ହୋଇଛନ୍ତି।


ଭାରୋତ୍ତୋଳନ ପ୍ରତଯୋଗୀ ଜଗଦୀଶ ନାହାକ।

## ଦୁଇ ମାମଲାରେ ୮ କୋର୍ଟଚାଲାଣ

### ପିତାତଳି ବୋମାମାଡ଼ ଘଟଣା

ଗୋପାଳପୁର,୧୦।୩(ଡି.ଏନ.ଏ.)

ପୂର୍ବ ଶତ୍ରୁତା ଓ ରାଜନୈତିକ କାରଣକୁ ନେଇ ଗତ ୨ ତାରିଖ ରାତିରେ ଗୋଳନ୍ଥରା ଥାନା ଅନ୍ତର୍ଗତ ପିତାତଳି ଗ୍ରାମରେ ଦୁଇ ଗୋଷ୍ଠୀ ସଂଘର୍ଷ ଓ ବୋମାମାଡ଼ ହୋଇଥିଲା। ଏହି ଘଟଣା ନେଇ ଉଭୟ ପକ୍ଷରୁ ଅଭିଯୋଗ ପ୍ରକାରେ ଗୋଳନ୍ଥରା ଥାନାରେ ୮ଟି ମାମଲା ରୁଜୁ ହୋଇଥିଲା। ପୋଲିସ ଗୁରୁବାର ୨ଟି ମାମଲାରେ ୮ ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ସେମାନେ ହେଲେ ପିତାତଳି ଗ୍ରାମର ଗୋଟିଏ ଗୋଷ୍ଠୀର ଏସ.କାଙ୍କେୟା, ଏସ. ଭୀମ, ଏସ. ଅର୍ଜୁନ, ଏସ. ବାଳକୃଷ୍ଣ, ଏସ.ଜଗନ୍ନାଥ ରେଡ୍ଡୀ, କେ. କାମେଶ୍ବ, ପି. ରୁଷି ଓ ଅନ୍ୟ ଗୋଷ୍ଠୀର ଯୁଧିଷ୍ଠିର ସେଠୀ। ସୂଚନାନୁସାରେ ଦୀର୍ଘବର୍ଷ ହେଲା ପିତାତଳି ଗ୍ରାମରେ ଏସ.ରାଙ୍ଗାରାଓ ଓ କେ.ନରସିଂହ ମୂର୍ତ୍ତି ଦୁଇ ଗୋଷ୍ଠୀ ମଧ୍ୟରେ ଛକାପଞ୍ଝା ଲାଗି ରହିଥିଲା। ଗତ ୨ ତାରିଖରେ ବିଜୟୀ ସରପଞ୍ଚ ପ୍ରାର୍ଥୀ ଏସ.ରାଙ୍ଗାରାଓ, ସମିତିସଭ୍ୟ ଏବଂ ସମର୍ଥକମାନେ ଗ୍ରାମରେ ଶୋଭାଯାତ୍ରା କରୁଥିବା ବେଳେ ନରସିଂହଙ୍କ ଗୋଷ୍ଠୀର ଜଣେ ନାବାଳକଙ୍କୁ ସଂଘବଦ୍ଧ ଆକ୍ରମଣ ହୋଇଥିଲା। ପରେ ଏହାକୁ ନେଇ ଦୁଇ ଗୋଷ୍ଠୀ ମଧ୍ୟରେ ଟେକାପଥର ଓ ଘନଘନ ବୋମାମାଡ଼ ହୋଇଥିଲା। ଏଥିରେ ୪ଜଣ ଗୁରୁତର ଆହତ ହୋଇଥିଲେ। ପରେ ପୋଲିସ ପହଞ୍ଚି ସ୍ଥିତି ନିୟନ୍ତ୍ରଣକୁ ଆଣିଥିଲା। ଏହି ଘଟଣା ପରେ ଗୋଳନ୍ଥରା ଥାନାରେ ରୁଜୁ ମାମଲା ମଧ୍ୟରୁ ପୋଲିସ ନଂ ୮୩/୨୨ରେ ବୁଧବାର ରାତିରେ ରାଙ୍ଗାରାଓଙ୍କ ଗୋଷ୍ଠୀର ୭ ଜଣଙ୍କୁ ଗିରଫ କରି ଗୁରୁବାର କୋର୍ଟଚାଲାଣ କରିଥିଲା। ସେହିପରି ମାମଲା ନଂ. ୯୧/୨୨ରେ ନରସିଂହ ମୂର୍ତ୍ତିଙ୍କ ଗୋଷ୍ଠୀର ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରାଯାଇଛି। ଏହାପୂର୍ବରୁ ୮୨/୨୨ ମାମଲାରେ ପୋଲିସ ୫ ଜଣଙ୍କୁ କୋର୍ଟଚାଲାଣ କରିଥିଲା। ଗ୍ରାମରେ ଏବେ ବି ଦୁଇ ସେକ୍ସନ୍ ପୋଲିସ ଫୋର୍ସ ମୁତୟନ ହୋଇଛନ୍ତି। ଘଟଣାରେ ସମ୍ପୃକ୍ତ ଅନ୍ୟ ଅଭିଯୁକ୍ତଙ୍କୁ ଖୁବଶୀଘ୍ର ଗିରଫ କରାଯିବ ବୋଲି ଥାନାଧିକାରୀ ବିବେକାନନ୍ଦ ମହନ୍ତ ସୂଚନା ଦେଇଛନ୍ତି।

## ଆକ୍ରମଣରେ ମା'ପୁଅ ଗୁରୁତର ବାପପୁଅ ଗିରଫ

ଆସିକା,୧୦।୩(ଡି.ଏନ.ଏ.)

ଗାଙ୍ଗପୁର ଥାନା ଅନ୍ତର୍ଗତ ଗୁଡିବନ୍ଧ ଗ୍ରାମରେ ବୁଧବାର ଆକ୍ରମଣରେ ଗୋଟିଏ ପରିବାରର ମା' ଓ ପୁଅ ଗୁରୁତର ଆହତ ହୋଇଛନ୍ତି। ସେମାନେ ହେଲେ ଜମ୍ମୁ ଦାସ ଓ ତାଙ୍କ ପୁଅ ମଙ୍ଗୁଲୁ (୨୭) । ଉଭୟଙ୍କୁ ଚିକିତ୍ସା ଲାଗି ଭଞ୍ଜନଗର ଡାକ୍ତରଖାନା ପଠାଯାଇଛି । ଏହି ଘଟଣାରେ ପୋଲିସ ଗୁରୁବାର ଉକ୍ତ ଗ୍ରାମର ଅଭିଯୁକ୍ତ ବାପା ଓ ପୁଅ ଗୌରାଙ୍ଗ ଦାସ ଓ କୁଲୁ ଦାସଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିବା ଥାନା ଅଧିକାରୀ ଦେବ କୁମାର ଗମାଙ୍ଗ କହିଛନ୍ତି। ଗ୍ରାମରେ ଅଷ୍ଟପ୍ରହର ନାମଯଜ୍ଞ ଲାଗି ବୈଠକ ଚାଲିଥିଲା ବେଳେ କୌଣସି କଥାକୁ ନେଇ ଅଶାନ୍ତି ଦେଖାଦେଇଥିଲା। ଏହାକୁ କେନ୍ଦ୍ର କରି ଜମ୍ମୁ ଓ ତାଙ୍କ ପୁଅକୁ ଅଭିଯୁକ୍ତ ବାପା ପୁଅ ଠେଙ୍ଗା ଓ କାତିରେ ଆକ୍ରମଣ କରିଥିଲେ। ଏ ନେଇ ଗାଙ୍ଗପୁର ଥାନାରେ ନଂ.୯୮/୨୨ରେ ଏକ ମାମଲା ରୁଜୁ କରାଯାଇଛି।

## କଂଗ୍ରେସ, ଭାଜପା ପ୍ରାର୍ଥୀଙ୍କ ପ୍ରାର୍ଥିପତ୍ର ପ୍ରତ୍ୟାହାର

ଭଞ୍ଜନଗର,୧୦।୩(ଡି.ଏନ.ଏ.)

ଭଞ୍ଜନଗର ଏନ୍‌ଏସିରେ ବିଜେଡିର ନିର୍ଦ୍ୱନ୍ଦ୍ୱ ପ୍ରାର୍ଥୀଙ୍କ ତାଲିକା ବଢିବାରେ ଲାଗିଛି। ଗୁରୁବାର ୱାର୍ଡ ନଂ.୫ର କଂଗ୍ରେସ ପ୍ରାର୍ଥୀ ଶ୍ୟାମ ପ୍ରସାଦ ଦାସ ତାଙ୍କ ପ୍ରାର୍ଥିପତ୍ର ପ୍ରତ୍ୟାହାର କରିଛନ୍ତି। ଫଳରେ ସେଠାରେ ବିଜେଡି ପ୍ରାର୍ଥୀ ରବି ବେହେରା ଅପ୍ରତିଦ୍ୱନ୍ଦ୍ୱୀ ହୋଇଛନ୍ତି। ସେହିଭଳି ୱାର୍ଡ ନଂ. ୭ର ଭାଜପା ପ୍ରାର୍ଥୀ ଅନୁପ କୁମାର ଦାସ ମଧ୍ୟ ତାଙ୍କ ପ୍ରାର୍ଥିପତ୍ର ପ୍ରତ୍ୟାହାର କରିଛନ୍ତି। ବର୍ତ୍ତମାନ ଉକ୍ତ ୱାର୍ଡରେ ବିଜେଡିର ପ୍ରଶାନ୍ତ କୁମାର ରାଓ ଏବଂ ସ୍ୱାଧୀନ ପ୍ରାର୍ଥୀ ଡି. ଚେଳପତି ରାଓ ପ୍ରାର୍ଥୀ ଅଛନ୍ତି। ଏହାପୂର୍ବରୁ ଏନ୍‌ଏସିର ୱାର୍ଡ ନଂ ୬, ୮ ,୯ ଓ ୧୪ରେ ବିଜେଡି ପ୍ରାର୍ଥୀ ନିର୍ଦ୍ୱନ୍ଦ୍ୱ ରହିଛନ୍ତି। ଆସନ୍ତା ୧୪ ତାରିଖ ପ୍ରାର୍ଥିପତ୍ର ପ୍ରତ୍ୟାହାରର ଶେଷ ଦିବସ । ତେଣୁ ଆଗାମୀ ଦିନରେ ଆଉ କେତେଜଣ ପ୍ରାର୍ଥୀ ସେମାନଙ୍କ ନାମାଙ୍କନ ପ୍ରତ୍ୟାହାର କରିବା ସମ୍ଭାବନା ରହିଛି।

## ବିଜେଡି ନିର୍ବାଚନ କାର୍ଯ୍ୟାଳୟ ଉଦ୍‌ଘାଟିତ

ଛତ୍ରପୁର,୧୦।୩(ଡି.ଏନ.ଏ.)– ଛତ୍ରପୁର ଏନଏସି ବଜାର ଅଞ୍ଚଳରେ ଗୁରୁବାର ବିଜେଡି ପକ୍ଷରୁ ନିର୍ବାଚନ କାର୍ଯ୍ୟାଳୟ ଉଦ୍‌ଘାଟିତ ହୋଇଛି । ବ୍ରହ୍ମପୁର ଏମ୍‌ପି ଚନ୍ଦ୍ରଶେଖର ସାହୁ ଏହାକୁ ଉଦ୍‌ଘାଟନ କରିଥିଲେ । ଏହି ଅବସରରେ ଏମପି ସାହୁ ଓ ଛତ୍ରପୁର ବିଧାୟକ ସୁବାସ ଚନ୍ଦ୍ର ବେହେରା ସେଠାରେ ଉପସ୍ଥିତ ବିଜେଡିର ଏନ୍‌ଏସିଅଧକ୍ଷା ପ୍ରାର୍ଥୀଙ୍କ ସମେତ ୧୪ କାଉନସିଲର ପ୍ରାର୍ଥୀଙ୍କୁ ବିଜୟ ମନ୍ତ୍ର ଦେଇଥିଲେ । ପ୍ରତି ଘରକୁ ଘର ଯାଇ ନବୀନ ସରକାରଙ୍କ ବିଭିନ୍ନ ଜନମଙ୍ଗଳ ସମ୍ପର୍କରେ ଜଣାଇ ଭୋଟ ଭିକ୍ଷା କରିବା ସହ ଦଳୀୟ ନେତାଙ୍କ ସହଯୋଗ ନେଇ ଲୋକଙ୍କ ଆସ୍ଥାଭାଜନ ହେବାକୁ ପରାମର୍ଶ ଦେଇଥିଲେ। କାର୍ଯ୍ୟକ୍ରମରେ ଅଧକ୍ଷା ପ୍ରାର୍ଥୀ ଟି.ଲକ୍ଷ୍ମୀ, ପୂର୍ବତନ ବିଧାୟକ ଅଶୋକ ଚୌଧୁରୀ, ଜିଲାପରିଷଦ ସଭ୍ୟ ଏମ୍. ଧନଞ୍ଜୟ ରେଡ୍ଡୀ, ନଗର ବିଜେଡି ସଭାପତି ବି.ରାଜୁବାବୁ, ନଗର ଯୁବ ବିଜେଡି ସଭାପତି ଟି.ଚନ୍ଦ୍ରଶେଖର ରାଓ, ଅହିଭୂଷଣ ସାହୁ, ପୂର୍ବତନ ଏନଏସି ଉପାଧକ୍ଷ ପ୍ରଦୋଷ ବେହେରା, ଯୁବ ବିଜେଡି ସଭାପତି ପ୍ରଶାନ୍ତ କୁମାର ପଣ୍ଡା, ପ୍ରିଚ୍ଛନ୍ଦା ସାମଲ, ଜିପାପା ରାଓଙ୍କ ସମେତ କାଉନସିଲର ପ୍ରାର୍ଥୀ, ବିଜେଡିନେତାମାନେ ଉପସ୍ଥିତ ଥିଲେ।

## କାଶୀନଗର ଏନ୍‌ଏସି ସମସ୍ତ ପ୍ରାର୍ଥିପତ୍ର କାଏମ

କାଶୀନଗର,୧୦।୩

କାଶୀନଗର ଏନ୍‌ଏସି ଅଧକ୍ଷା ଓ କାଉନ୍‌ସିଲର ପାଇଁ ନିର୍ବାଚନ ମଇଦାନକୁ ଓହ୍ଲାଇଥିବା ସମସ୍ତ ପ୍ରାର୍ଥୀଙ୍କ ପ୍ରାର୍ଥିପତ୍ର କାଏମ ରହିଥିବା ନିର୍ବାଚନ ଅଧିକାରୀ ଗୋପାଳ କୃଷ୍ଣ ଅଧିକାରୀଙ୍କଠାରୁ ପ୍ରକାଶ। ଅଧକ୍ଷା ପଦବୀ ନିମନ୍ତେ ୩ ପ୍ରମୁଖ ଦଳ କଂଗ୍ରେସ, ବିଜେଡି ଓ ଭାଜପାର ପ୍ରାର୍ଥିନୀଙ୍କ ନାମାଙ୍କନ ପତ୍ର ବୈଧ ଥିବା ଘୋଷଣା ହୋଇଛି। ଅନ୍ୟ ୫ ଜଣ ସ୍ୱାଧୀନ ପ୍ରାର୍ଥିନୀ ମଧ୍ୟ ପ୍ରତିଦ୍ୱନ୍ଦ୍ୱିତା ନିମନ୍ତେ ନାମାଙ୍କନ ପତ୍ର ଦାଖଲ କରିଛନ୍ତି। ସେମାନଙ୍କ ନାମ କାଏମ ରହିବା ସହ ଚିହ୍ନ ମଧ ଘୋଷଣା କରାଯାଇଛି। ସେହିପରି ୧୩ଟି ୱାର୍ଡରେ ୪୩ କାଉନ୍‌ସିଲର ପ୍ରାର୍ଥୀଙ୍କ ପ୍ରାର୍ଥିପତ୍ର ବୈଧ ଘୋଷଣା ହୋଇଛି। ୧୨ ନମ୍ବର ୱାର୍ଡ କାଉନସିଲର ପଦବୀ ନିମନ୍ତେ ଜଣେ ମାତ୍ର ଅନୁସୂଚିତ ଜନଜାତି ପ୍ରାର୍ଥିନୀ ଡାରୁନି ଶବରଙ୍କ ମନୋନୟନ ପତ୍ର କାଏମ ଥିବା ବେଳେ ବିନା ପ୍ରତିଦ୍ୱନ୍ଦ୍ୱିତା ହେବା ସୂଚନା ମିଳିଛି।

